ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/124/26-04-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୬ ଅପ୍ରେଲ, ୨୦୨୧

➤ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ଆଜି ସାରା ଭାରତ ଏକ କଠିନ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି । ଏହାକୁ ଏକ ଯୁଦ୍ଧକାଳୀନ ପରିସ୍ଥିତି ବୋଲି କହିଲେ ବି ଅତ୍ୟୁକ୍ତି ହେବ ନାହିଁ । କୋଭିଡ୍ ସଂକ୍ରମଣରେ ଭାରତ ଆଜି ସାରା ବିଶ୍ୱରେ ସବୁଠୁ ଉପରେ ଅଛି । ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ସଂକ୍ରମିତ ହେଉଛନ୍ତି । ବହୁତ ଦୁଃଖର କଥା ପ୍ରତିଦିନ ହଜାର ହଜାର ଲୋକ ମଧ୍ୟ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ, ମହାରାଷ୍ଟ୍ର, ଛତିଶଗଡ଼ ଆଦି ରାଜ୍ୟମାନଙ୍କରେ ଆଜି ପରିସ୍ଥିତି ଭୟଙ୍କର ହୋଇଛି । ଏସବୁ ରାଜ୍ୟରେ ଔଷଧ, ଅମ୍ଳଜାନ, ଶଯ୍ୟା ଆଦି ପୂରା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ବହୁତ ଚାପ ପଡୁଛି । ସବୁଠୁ ଦୁଃଖର କଥା ଶ୍ମଶାନ ଘାଟରେ ମଧ୍ୟ ଶବଦାହ ପାଇଁ ଜାଗା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏସବୁ ଦୃଶ୍ୟ ଦେଖି ଆଖିର ଲୁହକୁ ରୋକି ହେଉନାହିଁ । ଏଭଳି ଭୟଙ୍କର ପରିସ୍ଥିତି, ଏଭଳି କଠିନ ପରିସ୍ଥିତି ଭାରତ ଇତିହାସରେ କେବେ ବି ଆସିନଥିଲା । କିଛିଦିନ ତଳେ ମୁଁ ଏ ପରିସ୍ଥିତି ନେଇ ମାନନୀୟ ପ୍ରଧାନମନ୍ତ୍ରୀ ଓ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲି ଏବଂ ସେମାନଙ୍କ ଏ ଦୁଃଖ ସମୟରେ ସହଯୋଗର ହାତ ବଢ଼ାଇଥିଲି ବୋଲି ସେ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପରିସ୍ଥିତି ଅତି ଭୟଙ୍କର । ଆମ ରାଜ୍ୟର ସବୁ ସୀମାନ୍ତ ଜିଲ୍ଲାମାନଙ୍କରେ ମଧ୍ୟ ସଂକ୍ରମଣର ଗଭୀର ପ୍ରଭାବ ପଡ଼ିଛି । ଗତବର୍ଷ ଆମେ ସମସ୍ତେ ମିଶି କୋଭିଡ୍ ମୁକାବିଲା କରିଥିଲେ । ବାତ୍ୟା ହେଉ କିମ୍ବା କୋଭିଡ୍ ପରିଚାଳନା, ସବୁବେଳେ ଆପଣମାନେ ସହଯୋଗ କରିଥିବାରୁ ଆମେ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରିପାରୁଛୁ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି 'ଗତବର୍ଷଠାରୁ କିନ୍ତୁ ଏ ବର୍ଷର ପରିସ୍ଥିତି ଅତ୍ୟନ୍ତ ଭୟଙ୍କର । ସରକାରଙ୍କ ତରଫରୁ ଶଯ୍ୟାଠାରୁ ଆରମ୍ଭ କରି ଅକ୍ସିଜେନ୍, ଔଷଧ, ଆମ୍ବୁଲାନ୍ସ ଆଦି ସବୁ ବ୍ୟବସ୍ଥାକୁ ମଜବୁତ କରିଛୁ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

ଯଦି ଆମେ ସତର୍କ ନରହିବା, ନିଜ ନିଜର ଦାୟିତ୍ୱ ପ୍ରତି ସଚେତନ ନହେବା ତେବେ ସରକାର ଏକାକୀ ଏ ପରିସ୍ଥିତିର ମୁକାବିଲା କରିପାରିବେ ନାହିଁ ।'

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରିସ୍ଥିତିର ଭୟାବହତାକୁ ବୁଝିବା ପାଇଁ ବିନମ୍ର ଅନୁରୋଧ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି 'ପ୍ରତ୍ୟେକଟି ସଂକ୍ରମଣ ଓ ପ୍ରତ୍ୟେକଟି ମୃତ୍ୟୁ ପଛରେ ରହିଛି ଗୋଟିଏ ଗୋଟିଏ ପରିବାରର ଦୁଃଖ ଭରା କାହାଣୀ । କିଏ ନିଜର ବାପା ମାଆଙ୍କୁ ହରାଉଛି ତ କିଏ ନିଜର ଭାଇଭଉଣୀଙ୍କୁ । ପୁଣି କେଉଁଠି ନବବିବାହିତା ସ୍ତ୍ରୀ ସ୍ୱାମୀଙ୍କୁ ହରାଇଛି ।'

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'କେଉଁଠି ବୁଢ଼ା ବାପାମା' ଆଗରେ ରୋଜଗାରିଆ ପୁଅ ଚାଲି ଯାଉଛି ତ କୋଉଠି ଛୋଟ ଛୋଟ ପିଲାମାନେ ଅନାଥ ହୋଇଯାଉଛନ୍ତି । ଆଉ କୋଉଠି ପୂରା ପରିବାର ଶେଷ ହୋଇଯାଉଛି । ତେଣୁ ପରିସ୍ଥିତିରେ ମୁଁ ଆପଣଙ୍କୁ ହାତ ଯୋଡ଼ି ଅନୁରୋଧ କରୁଛି ଯେ, ଆପଣମାନେ କୋଭିଡ୍ ନିୟମକୁ ଠିକ୍ ଭାବେ ପାଳନ କରନ୍ତୁ । ଅତି ଆବଶ୍ୟକ ନହେଲେ ବାହାରକୁ ଯାଆନ୍ତୁ ନାହିଁ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଟିକାକରଣ ସରକାରଙ୍କ ଦାୟିତ୍ୱ । ଏହି ଟିକାକରଣ କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ପ୍ରାୟ ୨ କୋଟି ଲୋକ ଉପକୃତ ହେବେ ଏବଂ ଏଥିପାଇଁ ୨୦୦୦ କୋଟି ଟଙ୍କା ବ୍ୟୟ କରାଯିବ । ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜନସାଧାରଣଙ୍କୁ ସେମାନଙ୍କ ଦାୟିତ୍ୱ ନିର୍ବାହ କରିବା ପାଇଁ ଏବଂ କୋଭିଡ୍ ନିୟମର ଅନୁପାଳନ କରିବା ପାଇଁ ଅନୁରୋଧ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ସମସ୍ତ ବୟସ୍କ ବ୍ୟକ୍ତିଙ୍କ ଟିକାକରଣ ପାଇଁ ରାଜ୍ୟ ପ୍ରତିବଦ୍ଧ ବୋଲି ଘୋଷଣା କରିଛନ୍ତି । ରାଜ୍ୟ ସରକାର ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ବିନାମୂଲ୍ୟରେ ଟିକା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍-୧୯ର ଦ୍ୱିତୀୟ ଲହରି ସମୟରେ ଜୀବନରକ୍ଷାକାରୀ ଅମ୍ଳଜାନର ବହୁଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶା ଗତ ଦୁଇ ଦିନ ମଧ୍ୟରେ ଅମ୍ଳଜାନ ଯୋଗାଣକୁ ବ୍ୟାପକ କରିଛି ଏବଂ ଦିଲ୍ଲୀ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟମାନଙ୍କୁ ୮୭୦ ମେଟ୍ରିକ୍ ଟନ୍ ଅମ୍ଳଜାନ ପଠାଇଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅନେକ ରାଜ୍ୟ ମହାମାରୀର ପ୍ରଖର ଲହରିକୁ ସାମ୍ନା କରୁଛନ୍ତି ଏବଂ ଓଡ଼ିଶା ୬ଟି ରାଜ୍ୟକୁ ଜୀବନରକ୍ଷାକାରୀ ଅମ୍ଳଜାନ ଯୋଗାଇ ଦେଉଛି । ଏହି କଷ୍ଟକର ସମୟରେ, ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ କଡ଼ାକଡ଼ି ଭାବେ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁପାଳନ ସହ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଅନୁରୋଧ କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଶିକ୍ଷା ଓ ସାହିତ୍ୟ ମାଧ୍ୟମରେ ସମାଜର ଉନ୍ନତି ସହ ଓଡ଼ିଶାର ପ୍ରଗତିରେ ତାଙ୍କର ଅତୁଳନୀୟ ଅବଦାନ ସର୍ବଦା ସ୍ମରଣୀୟ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ପୂର୍ବତନ ସାଂସଦ ସୁଗ୍ରୀବ ସିଂଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖ ପ୍ରକାଶ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୯୯,୧୭,୮୯୪ ଟି ନମୁନା କୋଭିଡ୍‌-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୪,୧୪, ୦୫୬ ଜଣ ପଜିଟିଭ୍‌ ଚିହ୍ନଟ ହୋଇଛନ୍ତି ।
- ୩,୬୨, ୯୩୧ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୯୭ ଜଣ କୋଭିଡ୍‌-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୪୯,୦୭୫ ରହିଛି ।
- ୪୯,୦୭୫ ଜଣ ହସ୍‌ପିଟାଲ୍‌ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**